# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**22 May - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେଉଛି ପ୍ରଚାର;

— ୬ଟିଲୋକସଭା ଏବଂ ୪୨ଟି ବିଧାନସଭା ଆସନ ପାଇଁ ୨୫ ତାରିଖରେ ହେବ ମତଦାନ

- ଆଜିଠାରୁ ଆରମ୍ଭ ହେଲା ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି; ଏହି ସମୟରେ ୭ ଦିନ ବସିବ ଅବକାଶକାଳୀନ ଖଣ୍ଡପୀଠ

- ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ଆସନ୍ତା ରବିବାର ଦିନ ପ୍ରକାଶ ପାଇବା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା

- ବୈଶାଖ ଶୁକ୍ଳ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ନୃସିଂହ ଜନ୍ମନୀତି

ଏବଂ

- ଲଘୁଚାପର  ରୂପ ନେଲା ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ

# ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ତୃତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଆସନ୍ତା ୨୫ ତାରିଖ ଶନିବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଦେବଗଡ଼ ଆଦି ୧୦ଟି ଜିଲ୍ଲାର ୬ଟି ଲୋକସଭା ଆସନ ଏବଂ ଏହା ଅଧୀନ ୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏହି ପର୍ଯ୍ୟାୟ ମତଦାନ ନିମନ୍ତେ ଆସନ୍ତାକାଲି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହେଉଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ପାଇଁ ଷ୍ଟାର ପ୍ରଚାରକମାନେ ପ୍ରଚାର କରୁଛନ୍ତି ।

ଆଜି କେନ୍ଦୁଝର ଜିଲ୍ଲାର ଚମ୍ପୁଆଠାରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଷ୍ଟାର ପ୍ରଚାରକ ଅରୁଣ ଗୋଭିଲ୍ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଛତିଶଗଡ଼ ରାଜ୍ୟସଭା ସାଂସଦ ଅରୁଣ ଦୁବେ ଯୋଗ ଦେଇଥିଲେ।

ସେହିପରି ଆସନ୍ତାକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଜଣାପଡିଛି ।

# ପ୍ରଧାନମନ୍ତ୍ରୀ-ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ପୁଣି ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି

ନିର୍ବାଚନ ପ୍ରଭାରୀ ବିଜୟପାଲସିଂ ତୋମାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି।

ସେହିପରି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆସନ୍ତା ୨୫ ତାରିଖରେ ପୁଣି ଓଡ଼ିଶା ଗସ୍ତରେ ଆସି ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ଜନସଭାରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି।

## ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର

ବିଜୁ ଜନତା ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମାରାଥନ ପ୍ରଚାର କରିଛନ୍ତି। ଶ୍ରୀ ପଟ୍ଟନାୟକ ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ  କଟକରେ ନିର୍ବାଚନ ପ୍ରଚାର କରିଛନ୍ତି। ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ ଭିକ୍ଷା କରିଥିଲେ। ଆଉ କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍ ଶୋ’ରେ ଭାଗନେବେ।

## ଗିରିରାଜ ସିଂଙ୍କ ପ୍ରଚାର

ବିଜେପି ନେତା ତଥା କେନ୍ଦ୍ର ଗ୍ରାମ୍ୟଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ଗିରିରାଜ ସିଂ ଆଜି ସମ୍ବଲପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଶ୍ରୀ ସିଂ ଭୁତାପଡା ଛକରୁ ସୁନାପାଲି ପର୍ଯ୍ୟନ୍ତ ଏକ ରୋଡ୍ ଶୋ’ ଏବଂ ପଦଯାତ୍ରାରେ ଯାଇ ନିର୍ବାଚନ ପ୍ରଚାର କରିଛନ୍ତି। ଓଡ଼ିଆ ଅସ୍ମିତାକୁ

ବଞ୍ଚାଇବା ପାଇଁ ନୂତନ ସରକାର ଗଢ଼ିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂ କହିଛନ୍ତି।

# ପୁନଃ ମତଦାନ-କଣ୍ଟାମାଳ

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭାର ଦୁଇଟି ବୁଥରେ ଆସନ୍ତାକାଲି ପୁନଃ ମତଦାନ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । କଣ୍ଟାମାଳର ୨୬ନମ୍ବର ବୁଥ ଏବଂ ୨୮ନମ୍ବର ବୁଥରେ ଆସନ୍ତାକାଲି ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ ।

## ପୋଷ୍ଟାଲ ବାଲାଟ୍ ମତଦାନ

କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ପୋଷ୍ଟାଲ ବାଲାଟ୍ ଆରମ୍ଭ ହୋଇଛି। ନିର୍ବାଚନ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବା ବିଭିନ୍ନ ବିଭାଗର କର୍ମଚାରୀ ଓ ବୃତ୍ତିଧାରୀଙ୍କ ନିମନ୍ତେ ପୋଷ୍ଟାଲ ବାଲାଟ୍ ମତଦାନ ବ୍ୟବସ୍ଥା କରାଯାଇଛି। ସେଠାରେ ୯୩୦ ଜଣ ପୋଷ୍ଟାଲ ବାଲାଟ୍ ମତଦାନ ପାଇଁ ଆବେଦନ କରିଛନ୍ତି।

# ନିର୍ବାଚନ-ସମ୍ବଲପୁର

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନରେ ଆସୁଥିବା ୩ଟି ନିର୍ବାଚନମଣ୍ଡଳୀ ସମ୍ବଲପୁର, ରେଙ୍ଗାଲି ଓ ରେଢ଼ାଖୋଲ ଆସନ ପାଇଁ ଭୋଟ୍ ନିଆଯିବ।

ନିର୍ବାଚନ ସ୍ଥିତି ନେଇ ଆମ ସମ୍ବଲପୁର ସମ୍ବାଦଦାତା **ଗୁଣମଣି ସାମଲ**ଙ୍କ ରିପୋର୍ଟ....

# - V/O –

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆଜିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ଦ୍ୱାଦଶ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ଫଳ ଆସନ୍ତା ରବିବାର ଅପରାହ୍ଣରେ ପ୍ରକାଶ ପାଇବ ବୋଲି ସି.ଏଚ୍.ଏସ୍.ଇ ପକ୍ଷରୁ ସୂଚନା ଦିଆଯାଇଛି । ଛାତ୍ରଛାତ୍ରୀମାନେ

***www.orissaresults.nic.in*** ୱେବ୍‌ସାଇଟ୍ ମାଧ୍ୟମରେ ଫଳାଫଳ ଜାଣିପାରିବେ । ଗତ ଫେବୃୟାରୀ ୧୬ ରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ହୋଇଥିବା ଯୁକ୍ତଦୁଇ ପରୀକ୍ଷାରେ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

## ଶୂନ୍ୟଛାୟା

ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର କେତେକ ସ୍ଥାନରେ ଶୂନ୍ୟଛାୟା ଦେଖାଯିବା ଆରମ୍ଭ ହୋଇଛି । ପଠାଣିସାମନ୍ତ ପ୍ଲାନେଟୋରିୟମ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ଭୁବନେଶ୍ୱରରେ ଶୂନ୍ୟଛାୟା ଦୃଶ୍ୟମାନ ହୋଇଥିଲା । କଟକରେ ଆଜି ପୂର୍ବାହ୍ନ ୧୧ଟା ୪୩ ମିନିଟ୍‌ରେ ଶୂନ୍ୟଛାୟା ଦୃଶ୍ୟମାନ ହୋଇଥିଲା। ବଲାଙ୍ଗିରରେ ଆସନ୍ତାକାଲି ଶୂନ୍ୟ ଛାୟା ଦୃଶ୍ୟମାନ ହେବ ବୋଲି କୁହାଯାଇଛି ।

ସୂର୍ଯ୍ୟ ଦିଗ୍‌ବଳୟର ଯେତେ ନିକଟରେ ଥାଏ ଛାଇ ସେତେ ଅଧିକ ହୋଇଥାଏ ଏବଂ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ଛାଇଟି ଖୁବ୍ ଛୋଟ ହୋଇଯାଏ କିନ୍ତୁ ଛାଇ ପୁରାପୁରି ଭାବେ ଉଭେଇ ଯାଏ ନାହିଁ । ହେଲେ ଶୂନ୍ୟଛାୟାରେ ଛାୟା ବିଲ୍‌କୁଲ ଦେଖାଯାଏ ନାହିଁ ।

## ନୃସିଂହ ଜନ୍ମନୀତି

ଶ୍ରୀମନ୍ଦିରରେ ଆଜି ପବିତ୍ର  ବୈଶାଖ ଶୁକ୍ଳ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ବିଳମ୍ବିତ ରାତିରେ ନୃସିଂହ ଜନ୍ମନୀତି ଅନୁଷ୍ଠିତ ହେବ।  ଏହିଦିନ ଭଗବାନ ନୃସିଂହ ଭକ୍ତ ପ୍ରହଲ୍ଲାଦଙ୍କ ପାଇଁ ପ୍ରକଟ ହୋଇଥିବାବେଳେ ହିରଣ୍ୟକଶ୍ୟପଙ୍କୁ ବଧ କରିଥିଲେ। ପରମ୍ପରା ଅନୁଯାୟୀ, ଆଜିଠାରୁ ରଥଖଳାରେ ଯନ୍ତାଗାଡ଼ ପ୍ରସ୍ତୁତ କରାଯାଇଛି। ଆଜି ତିନିରଥର ଗୁଜ ଅନୁକୂଳ କରାଯିବ। ଗୁଜ କାଠରେ ରୂପକାର ସେବକମାନେ ନୃସିଂହ ବିରାଜ ପ୍ରସ୍ତୁତ କରିବେ।

**ଗଞ୍ଜାମ** ଜିଲ୍ଲାର ବ୍ରହ୍ମପୁର, ଛତ୍ରପୁର, ଆସିକା, ଭଞ୍ଜନଗର, ଖଲ୍ଲିକୋଟ ସମେତ ବିଭିନ୍ନ ଅଂଚଳରେ ଥିବା ନୃସିଂହନାଥଙ୍କ ମଠ ଓ ମନ୍ଦିରଗୁଡ଼ିକରେ ନୃସିଂହ ଚତୁର୍ଦ୍ଦଶୀ ପର୍ବ ପାଳିତ ହୋଇଛି। ଏହି ଅବସରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି।

## ପାଣିପାଗ

ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଆଜି ଲଘୁଚାପର ରୂପ ନେଇଛି। ଏ ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି, ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ତାମିଲନାଡୁ-ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଉପରେ ବାୟୁମଣ୍ଡଳର ୫ ଦଶମିକ ୮ କିଲୋମିଟର ଯାଏ ବ୍ୟାପିଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ରଟି କ୍ରମଶଃ ଉତ୍ତର-ପୂର୍ବଦିଗରେ ଗତି କରିବ। ପରେ ଏହା ଅଧିକ ଘନୀଭୂତ ହୋଇ ୨୪ ତାରିଖ ସକାଳେ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଅବପାତର ରୂପ ନେବ।  ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ୨୩ ତାରିଖରୁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ରରେ ଅଛନ୍ତି ସେମାନେ କୂଳକୁ ଫେରି ଆସିବାକୁ ସତର୍କ କରାଯାଇଛି। ତେବେ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଓଡ଼ିଶା ଉପରେ ଲଘୁଚାପର ସିଧା ସଳଖ ପ୍ରଭାବ ପଡିବ ନାହିଁ। ଅନ୍ୟପକ୍ଷରେ, ବାତ୍ୟା

ନେଇ ସ୍ପଷ୍ଟଚିତ୍ର ବିଭିନ୍ନ ପାଣିପାଗ ମଡେଲ ଅଲଗା ଅଲଗା ଆକଳନ କରୁଥିବାରୁ ଆସନ୍ତା ଦୁଇଦିନ ପରେ କେଉଁଆଡକୁ ବାତ୍ୟା ମୁହାଁଇବ ତାହା ସ୍ପଷ୍ଟ ଜଣାପଡିବ ।

## ହାଇକୋର୍ଟ-ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଆଜିଠାରୁ ଆରମ୍ଭ ହୋଇ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ରହିବ । ଗ୍ରୀଷ୍ମ ଅବକାଶ ସମୟରେ ଚଳିତମାସ ୨୩, ୨୮, ୩୦ ତାରିଖ ଏବଂ ଜୁନ୍ ମାସ ୪, ୬, ୧୧ ଏବଂ ୧୨ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଜରୁରୀ ମାମଲା ଗୁଡ଼ିକର ଶୁଣାଣି ପାଇଁ ଅବକାଶକାଳୀନ ଖଣ୍ଡପୀଠଙ୍କ ନିକଟରେ ମାମଲା ତାଲିକାଭୁକ୍ତ କରାଯାଇ ପାରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

*********************************